## ସଂକ୍ଷେପରେ

### ଯାନବାହନ ଯାଞ୍ଚ, ୬୨ ହଜାରରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

ପାରଳାଖେମୁଣ୍ଡି,୧୨।୬(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଯାନବାହନ ଯାଞ୍ଚ କରାଯାଉଛି । ଏହି ପରିପ୍ରେକ୍ଷୀରେ ସହରର ରାମସାଗର ଅଞ୍ଚଳରେ ଯାନବାହନ ଯାଞ୍ଚ କାର୍ଯ୍ୟକ୍ରମ ଜାରି ରହିଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ, ଗାଡ଼ିଗୁଡିକର ଦସ୍ତାବିଜ୍ ଯାଞ୍ଚ ବେଳେ ମୋଟ ୧୨ ବିଭିନ୍ନ ଗାଡିରୁ ୬୨ ହଜାର ୭୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

**ବର୍ଷା ଉଭାନ**

### ଧାନବିହନ ବୁଣିବାରେ ବିଳମ୍ବକୁ ନେଇ ଚିନ୍ତାରେ ଚାଷୀ

**ଶେରଗଡ଼,୧୨।୬(ଡି.ଏନ୍.ଏ.):** ଶେରଗଡ଼ ବ୍ଲକ ଅଞ୍ଚଳରେ ଚଳିତବର୍ଷ ବର୍ଷାର ଘୋର ଅଭାବ ଦେଖାଦେଇଛି। କାରଣ ଚଳିତବର୍ଷ ଏପ୍ରିଲରେ କୌଣସି ଝଡ଼ ତୋଫାନ ହୋଇନାହିଁ। ଏପର୍ଯ୍ୟନ୍ତ ମୁଣ୍ଡଫଟା ଖରା ଲାଗି ରହିଛି। ଫଳରେ ବ୍ଲକର ଚାଷୀମାନେ ଅଦ୍ୟାବଧି ଜମିକୁ ଚାଷ ମଧ କରିନାହାନ୍ତି। ଚଳିତବର୍ଷ ମୌସୁମୀ ଏଯାବତ୍ ଦେଖା ନଥିବା ବେଳେ ଚାଷୀ ନିଜ ଜମିକୁ ଚାଷ ନକରି ବର୍ଷାକୁ ଜଗିଛି। ଫଳରେ ଚଳିତବର୍ଷ ଚାଷ କାର୍ଯ୍ୟ ବିଳମ୍ବ ହୋଇଛି। ରଜ ପରେ ଓଡ଼ିଶାକୁ ମୌସୁମୀ ଛୁଇଁବ ବୋଲି ପୂର୍ବାନୁମାନ କରି ଚାଷୀ ରଜ ପରେ ଜମିକୁ ଉଠିଆ କରିବ ବୋଲି ଆଶା ବାନ୍ଧି ବସିଛି।

### ଘଣ୍ଟାଏ ବର୍ଷାରେ ବେହାଲ ଦୂତିମେଣ୍ଡି ଅଞ୍ଚଳ

**ବଲସକୁମ୍ପା,୧୨।୬:** ଜ୍ୟେଷ୍ଠ ମାସରେ କାଳବୈଶାଖୀ ବର୍ଷା ପବନ ଏବଂ ତୋଫାନରେ ପ୍ରତ୍ୟେକ ବର୍ଷ ଜନଜୀବନ ଅସ୍ତବ୍ୟସ୍ତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ରବିବାର ପ୍ରାୟ ପାଞ୍ଚଟାରେ ଝୋଡ଼ ତୋଫାନ ସହିତ କାଳବୈଶାଖୀ ବର୍ଷା ହୋଇଥିଲା। ଏଥିରେ ଖଜୁରିପଡ଼ା ଏବଂ ଦୂତିମେଣ୍ଡି ଅଞ୍ଚଳ ବେହାଲ ହୋଇ ପଡିଛି। ପ୍ରକଶ ଯେ, ଏହି କାଳବୈଶାଖୀ ବର୍ଷାରେ ମଲ୍ଲିକ ସାହିଠାରେ ଏକ ବିଦ୍ୟୁତ ଖୁଣ୍ଟ ଏବଂ ଟ୍ରାନ୍ସଫର୍ମର ଉପୁଡ଼ି ପଡ଼ିଥିବା ସୂଚନା ମିଳିଥିବା ବେଳେ କେତେକ ଗରିବ ଲୋକଙ୍କ ଚାଳଛପର ଉଡେଇ ନେଇଛି ଓ ସ୍ଥାନେ ସ୍ଥାନେ ଗଛ ଡାଳ ପତ୍ର ଭାଙ୍ଗି ପଡ଼ିଛି। ଏହି ଘଣ୍ଟାଏ ବର୍ଷାରେ ବେହାଲ ହେବା ସହିତ ରାସ୍ତା ବାଟରେ ଯିବା ଆସିବା ମଧ ବାଧାପ୍ରାପ୍ତ ହୋଇଥିଲା। କାଳବୈଶାଖୀ ବର୍ଷା ହୋଇଥିଲେ ମଧ ବଲସକୁମ୍ପା ଅଞ୍ଚଳରେ ଟିକେ ବର୍ଷା ହୋଇନଥିବା ଯୋଗୁ ଚାଷୀମାନେ ଚିନ୍ତା ପ୍ରକଟ କରିଥିବା ବେଳେ ଜ୍ୟେଷ୍ଠ ମାସର ଗୁଳୁଗୁଳି ଗରମରୁ ସାମାନ୍ୟ ତ୍ରାହି ମିଳିଥାନ୍ତା ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

### ଜି.ଉଦୟଗିରିରେ ଦୁଇଟି ଦୁର୍ଘଟଣା
### ଶ୍ରୀରାମପଦାରେ ଆତ୍ମହତ୍ୟା, ବାଲୁପାଙ୍ଗାରେ ହତ୍ୟା ସନ୍ଦେହ

ଜି.ଉଦୟଗିରି,୧୨।୬(ଡି.ଏନ.ଏ.): ଜି.ଉଦୟଗିରି ଥାନା ଅଞ୍ଚଳରେ ଦୁଇଟି ପୃଥକ୍ ପୃଥକ୍ ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଶ୍ରୀରାମପଦାରେ ଗଛରେ ଜଣେ ଝୁଲି ରହିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ମୃତଦେହକୁ ଜବତ କରିବା ସହିତ ନଂ. ୬/୨୦୨୨ରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତକମାନେ ହେଲେ ନରେଶ ଦିଗାଳ, ଜଳେଶ୍ୱର ପ୍ରଧାନ। ଟିକାବାଲି ପାନିଙ୍ଗିଆ କଲୋନୀ ସାହିର ନରେଶ ଦିଗାଳ ଶ୍ରୀରାମପଦାରେ ବିବାହ କରିଥିଲେ। କିଛିଦିନ ପୂର୍ବରୁ ପିଲାଛୁଆଙ୍କୁ ଧରି ନରେଶଙ୍କ ସ୍ତ୍ରୀ ଜି.ଉଦୟଗିରି ଶ୍ରୀରାମପଦା ପଳାଇ ଆସିଥିଲେ। ସ୍ତ୍ରୀ ପିଲାମାନଙ୍କୁ ନେବା ପାଇଁ ନରେଶ ଆସିଥିଲେ। କିନ୍ତୁ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କଲେ ପୋଲିସ ତଦନ୍ତ ଜାରି ରଖିଛି। ସେହିଭଳି ଜି.ଉଦୟଗିରି ଥାନା ଅଞ୍ଚଳର ବାଲୁପାଙ୍ଗା ଗ୍ରାମର ଜଳେଶ୍ୱର ପ୍ରଧାନ ଭୋଜି ଖାଇବାକୁ ଦାରିଙ୍ଗବାଡି (ପକାରୀ) ଯାଇ ଆଉ ଘରକୁ ଫେରି ନଥିବା ବେଳେ ସକାଳୁ ବାଲୁପଙ୍ଗା ନିକଟସ୍ଥ ଏକ ପଡିଆରେ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ମୃତକଙ୍କ ଝିଅ ସ୍ଥାନୀୟ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ ଜି. ଉଦୟଗିରି ପୋଲିସ ନଂ. ୯୩/୨୨ରେ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରିବାକୁ ପଠେଇଛି। ଫୁଲବାଣୀ ସାଇଣ୍ଟିଫିକ୍ ଦଳ ଆସି ଘଟଣାସ୍ଥଳ ଯାଞ୍ଚ କରିଯାଇଛନ୍ତି।

# କାର୍ଯ୍ୟ ବନ୍ଦ ଲାଗି ପୋଲିସ ସହ ଧସ୍ତାଧସ୍ତି

### ଟାଟା କମ୍ପାନୀରେ ନିଯୁକ୍ତି ଦାବି ନେଇ ଆନ୍ଦୋଳନ ୨ୟ ଦିନରେ

ଛତ୍ରପୁର,୧୨।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟରେ ଟାଟା କମ୍ପାନୀ ଅଧିକୃତ ଜମିରେ ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ରବିବାର ପ୍ରକଳ୍ପ କାମକୁ ବିରୋଧ କରି ପୁଣି ଆନ୍ଦୋଳନକୁ ଓହ୍ଲାଇଥିବା ଗ୍ରାମବାସୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଛି। ପ୍ରକଳ୍ପ ସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କୁ ସେଠାକୁ ଯିବାକୁ ଅନୁମତି ଦିଆଯାଉ ନ ଥିଲେ ମଧ ଶତାଧିକ ଲୋକ ନିଜ ଦାବିରେ ଜିଦ୍ ରହି ସେଠାରେ ମେଳି ବାନ୍ଧଛନ୍ତି।



ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧରେ ଧସ୍ତାଧସ୍ତି।

ସୂଚନାଯୋଗ୍ୟ, ଟାଟା କମ୍ପାନୀ ଇସ୍ପାତ କାରଖାନା ପାଇଁ କାଳିପଲ୍ଲୀ ଏବଂ ନିକଟସ୍ଥ ଅଞ୍ଚଳରେ ୧୯୯୬ରେ ଜମି ଅଧିଗ୍ରହଣ ହୋଇଥିଲା । ଦୀର୍ଘ ୨୫ ବର୍ଷ ପରେ ମଧ ଟାଟା କମ୍ପାନୀ ପକ୍ଷରୁ ଜମି ହରାଇଥିବା ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଅସନ୍ତୋଷ ଲାଗି ରହିଛି । ଏପରିକି ଇସ୍ପାତ କାରଖାନା ବଦଳରେ ଇଣ୍ଡଷ୍ଟ୍ରିଆଲ ପାର୍କ ନାଁରେ ବିଭିନ୍ନ କମ୍ପାନୀକୁ ଆଣି ଏଠାରେ ଟାଟା କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ସ୍ଥାପନ କରାଯାଉଛି । ଏବେ କାଳିପଲ୍ଲୀ ନିକଟ ଉକ୍ତ ଜମିରେ ଟାଟା କମ୍ପାନୀ ଠାରୁ ଲିଜ୍ ନେଇ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି କାମକୁ ସ୍ଥାନୀୟ ଲୋକେ ବିରୋଧ କରି ଶନିବାର ଆନ୍ଦୋଳନ କରିଥିଲେ। ୧୭ ତାରିଖରେ ଜିଲାପାଳଙ୍କ ଅଧକ୍ଷତାରେ ଆଲୋଚନା ବୈଠକ ବସିବ ବୋଲି କୁହାଯିବା ପରେ ଲୋକେ ସନ୍ଧ୍ୟାରେ ଘରକୁ ଫେରିଥିଲେ। ବୈଠକ ନହେବା ପର୍ଯ୍ୟନ୍ତ କାମ ବନ୍ଦ ରଖାଯାଉ ବୋଲି ସେମାନେ କହିଥିଲେ। ପୁଣି ରବିବାର ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସର ବ୍ୟବସ୍ଥା କରି ପ୍ରକଳ୍ପ ନିର୍ମାଣ କାମ କରାଯିବାରୁ ଏହାକୁ ବିରୋଧ କରାଯାଇଛି। ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି ବ୍ୟବସ୍ଥା ନକଲା ପର୍ଯ୍ୟନ୍ତ ଏହି କାମ କରିବାକୁ ଦିଆଯିବନି ବୋଲି ଆନ୍ଦୋଳନକାରୀ ଅଡି ବସିଛନ୍ତି। ଆମ ପିଲା ଚାକିରି ପାଇବେ ବୋଲି ଜମି ଦେଇଥିଲୁ । ମାତ୍ର ଆମକୁ ଟାଟା କମ୍ପାନୀ ହତାଦର କରିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

## 'ବାବୁ ମୁଠେ ଭିକ ଦିଅ' ମଞ୍ଚସ୍ଥ



ନାଟକ ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି।

**ଶେରଗଡ଼,୧୨।୬(ଡି.ଏନ୍.ଏ.)**

ଶେରଗଡ ପାଇକ ସାହିରେ ଗତ ଦୁଇଦିନ ହେଲା ମାଁ ସିତଳାଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହି ପକ୍ଷରୁ ମାଁଙ୍କ ବିଗ୍ରହଙ୍କୁ ଶନିବାର ପୂଜାର୍ଚ୍ଚନା ପରେ ଆଜ୍ଞାମାଳା କରାଯାଇଥିଲା। ବିଗ୍ରହଙ୍କ ବିରାଟ ପଟୁଆରରେ ଶେରଗଡ଼ ଗ୍ରାମ ପରିକ୍ରମା କରାଯାଇ ପାଇକ ସାହି କୋଠଘର ସାମ୍ନା ଅସ୍ଥାୟୀ ମଣ୍ଡପରେ ବିରାଜମାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ 'ବାବୁ ମୁଠେ ଭିକ ଦିଅ' ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା। ସମାଜରେ ଗରିବ ଶ୍ରେଣୀର ପରିବାର ନିଜର ସାମାଜିକ ଚଳଣି ଭିତରେ କେମିତି ବଞ୍ଚେ ତାହା ନାଟକ ମାଧମରେ ଦର୍ଶାଯାଇଥିଲା। ଗଞ୍ଜାମ ଜିଲାର ସ୍ୱନାମଧନ୍ୟ ନିର୍ଦ୍ଦେଶକ ମୋହିନୀ ଗୌଡ଼ଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଏହି ନାଟକ ପରିବେଷଣ କରାଯାଇଥିଲା। ନାଟକରେ ମହେଶ୍ୱର ରାଉତ, ଶରତ ରାଉତ, ଶିବ ଗୌଡ଼, ସନ୍ତୋଷ କୁମାର ସାହୁ, ବିଦେଶୀ ବେହେରାଙ୍କ ସମେତ ବହୁ କଳାକାର ଅଂଶ ଗ୍ରହଣ କରିଥିଲେ। ନାଟକ ପ୍ରାରମ୍ଭର ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ବଳରାମ ରାଉତ, ବାବୁ ପ୍ରଧାନ, ପ୍ରଫୁଲ୍ଲ ସ୍ୱାଇଁ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ସାହୁ, ସରପଞ୍ଚଙ୍କ ପ୍ରତିନିଧି ରୋହିତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆହୁରି ଦୁଇଦିନ ମା'ଙ୍କ ଯାତ୍ରା ପରେ ମାଁ ପୁଣି ନଗର ପରିକ୍ରମା କରି ମନ୍ଦିରକୁ ଫେରିବାର କାର୍ଯ୍ୟକ୍ରମ ରହିଛି ।

## ଶିଶୁ ସୁରକ୍ଷା କ୍ଷେତ୍ରରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଡିଆଇପିଆରଓ ବକ୍ତବ୍ୟ ଦେଉଛନ୍ତି।

**ଛତ୍ରପୁର,୧୨।୬(ଡି.ଏନ.ଏ)**

ଶିଶୁ ସୁରକ୍ଷା କ୍ଷେତ୍ରରେ ଗଣମାଧମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଗଣମାଧମର ଗୁରୁ ଦାୟିତ୍ୱ ମଧ ରହିଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପାଠାଗାରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କହିଛନ୍ତି। ରବିବାର ଭାଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କର୍ମଶାଳାରେ ଡିଆଇପିଆରଓ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଶୁ ନିର୍ଯାତନା ସମ୍ବନ୍ଧୀୟ ଖବର ପରିବେଷଣ ବେଳେ ସତର୍କତା ସହ ନିୟମ ପାଳନ କରିବାକୁ ଉପସ୍ଥିତ ଛତ୍ରପୁରର ଗଣମାଧମ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ, ଗଞ୍ଜାମକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲ ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟା ତଥା ଓକିଲ ସିଏଚ୍.ଜ୍ୟୋତି ଯୋଗଦେଇ ଶିଶୁ ଶ୍ରମିକ ଭଳି କୁପ୍ରଥା ବନ୍ଦ ପାଇଁ କମିଟି ବିଭିନ୍ନ ପଦକ୍ଷେପ ନେବା ସହ କାଉନସେଲିଂ କରୁଛି ବୋଲି କହିଥିଲେ। ଭାଇ ଅନୁଷ୍ଠାନର ଦେବାନନ୍ଦ ମହନ୍ତ କର୍ମଶାଳାର ଉଦ୍ଦେଶ୍ୟ ଏବଂ ଶିଶୁ ସୁରକ୍ଷା ସମ୍ପର୍କୀୟ ବିଭିନ୍ନ ଦିଗ ଉପରେ ଆଲୋପାତ କରିଥିଲେ । ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର କୁମାର ପଣ୍ଡା ତାଙ୍କ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ତଥା ସାମାଜିକ କର୍ମୀ ଅରୁଣ କୁମାର ଶତପଥୀ ତାଙ୍କ ବକ୍ତବ୍ୟରେ ଶିଶୁ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନ୍ ଓ ତାର କାର୍ଯ୍ୟକାରୀ ସମ୍ପର୍କରେ ଆଲେଚନା କରି ଗଣମାଧମ ପ୍ରତିନିଧିଙ୍କୁ ଏଥିପ୍ରତି ସହଯୋଗ ପାଇଁ କହିଥିଲେ। ଶେଷରେ ଛତ୍ରପୁର ପ୍ରେସ କ୍ଲବର ସମ୍ପାଦକ ସନ୍ତୋଷ କୁମାର ପାଢୀ ଧନ୍ୟବାଦ ଦେଇଥିଲେ ।

## କଳିଙ୍ଗା ଘାଟିରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଭଞ୍ଜନଗର, ୧୨।୬(ଡି.ଏନ.ଏ)**



ଗଞ୍ଜାମ-କନ୍ଧମାଳ ଜିଲା ସୀମା ଦୁର୍ଗାପ୍ରସାଦଠାରେ କଳିଙ୍ଗା ଘାଟିରେ ରବିବାର ଆନ୍ଧ୍ରପ୍ରଦେଶର ଏକ ମାଲ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ଚାଳକ ଓ ହେଲପର ରକ୍ଷା ପାଇଯାଇଛନ୍ତି। କଳିଙ୍ଗା ଘାଟି ରାସ୍ତା ଚଉଡ଼ା ହୋଇଥିଲେ ମଧ୍ୟ ରାସ୍ତାରେ କିଛି ବୈଷୟିକ ତ୍ରୁଟି ଥିବା ନଚେତ ଚାଳକ ସଚେତନ ହେଉ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । କିଛିଦିନ ପୂର୍ବେ ପଶ୍ଚିମବଙ୍ଗର ଏକ ଟୁରିଷ୍ଟ ବସ୍ କଳିଙ୍ଗା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ସେ ସମୟରେ ରାଜ୍ୟ ସରକାର ଅନ୍ୟ ରାଜ୍ୟରୁ ଆସୁଥିବା ଗାଡ଼ିଗୁଡ଼ିକ କଳିଙ୍ଗା ଘାଟି ବଦଳରେ ଦଶପଲ୍ଲା ରାସ୍ତା ଦେଇ ଭଞ୍ଜନଗର ଯିବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଉକ୍ତ ନିର୍ଦ୍ଦେଶନାମା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅନୁମାନ କରାଯାଉଛି ।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଛତ୍ରପୁର,୧୨।୬(ଡି.ଏନ.ଏ)**

ଚମାଖଣ୍ଡି ଥାନା ଅଧୀନ ଆଇଆର୍‌ଇ ଆବାସିକ କଲୋନୀ ସମ୍ମୁଖ ରାସ୍ତାରେ ରବିବାର ଲୁହା ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତ ଚନ୍ଦ୍ରପଦା ଗାଁର ଶଙ୍କର ପ୍ରଧାନ । ଶଙ୍କର ପୂର୍ବାହ୍ନରେ ବାଇକ୍ (ଓଆର୍୦୭ପି ୭୯୨୪) ଯୋଗେ ଆଇଆରଇ ଆବାସିକ କଲୋନୀ ଗେଟ୍‌ରୁ ବାହାରି ମୁଖ୍ୟରାସ୍ତାକୁ ଆସୁଥିଲେ । ଏହି ସମୟରେ କାଳିଆବାଲିରୁ ଦ୍ରୁତଗତିରେ ଆସୁଥିବା ଲୁହା ବୋଝେଇ ଟ୍ରକ୍ (ଓଡି୦୭ ଜେ ୦୯୨୬) ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଶଙ୍କର ତଳେ ପଡି ଗୁରୁତର ହୋଇଥିଲେ। ତାଙ୍କୁ ଆଇଆର୍‌ଇ ଆମ୍ବୁଲାନ୍ସରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଟ୍ରକ ଚାଳକଙ୍କ ବେପରୁଆ ଗାଡି ଚାଳନାରୁ ବାପାଙ୍କ ମୃତ୍ୟୁ ଘଟିଥିବା ନେଇ ଶଙ୍କରଙ୍କ ପୁଅ ଚିତ୍ତରଞ୍ଜନ ପ୍ରଧାନ ଚମାଖଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଟ୍ରକକୁ ଜବତ କରିବା ସହ ତଦନ୍ତ ଚଳାଇଛି।

## ଶର୍ଟ ସର୍କିଟରୁ ଲ୍ୟାମ୍ପସ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

**ରାଇକିଆ,୧୨।୬(ଡି.ଏନ୍.ଏ)**

ରାଇକିଆ ଲ୍ୟାମ୍ପସ କାର୍ଯ୍ୟାଳୟଠାରେ ରବିବାର ଅଗ୍ନିକାଣ୍ଡ ଘଟିଥିଲା। କାର୍ଯ୍ୟାଳୟ ଭିତରେ କେହି ନଥିବା ବେଳେ ଶର୍ଟ ସର୍କିଟ ଯୋଗୁ ହଠାତ୍ ନିଆଁ ଲାଗିଯାଇଥିଲା। ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ କମ୍ପ୍ୟୁଟର, ବିଦ୍ୟୁତ୍ ସାମଗ୍ରୀ ଏବଂ କିଛି କାଗଜପତ୍ର ପୋଡ଼ି ନଷ୍ଟ ହୋଇଥିଲା।

## ବିଭିନ୍ନ ଯୋଜନା ଉପରେ ଶ୍ରମିକଙ୍କ ସଚେତନତା କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥି ଓ ମହିଳା।

### ଇ-ଶ୍ରମିକ କାର୍ଡ ଉପରେ ଗୁରୁତ୍ୱାରୋପ

**ବଲସକୁମ୍ପା,୧୨।୬**

କେନ୍ଦ୍ର ସରକାରଙ୍କ ଦତପନ୍ତ ଠେଙ୍ଗେଡ଼ି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷାବୋର୍ଡ ବ୍ରହ୍ମପୁର କ୍ଷେତ୍ରିୟ ନିର୍ଦ୍ଦେଶାଳୟ ଓ କନ୍ଧମାଳ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (ପାହାଡ଼) ସହଯୋଗରେ ଦ୍ୱିତୀୟ ପର୍ଯ୍ୟାୟ ୯ ଓ ୧୦ ତାରିଖ ଦୁଇଦୁନିଆ ଗ୍ରାମୀଣ ଶ୍ରମିକ ସଚେତନତା କର୍ମଶାଳା ଖଜୁରିପଡ଼ା ବ୍ଲକ ପାଡିଆମ୍ବା ଗ୍ରାମ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଦତପନ୍ତ ଠେଙ୍ଗେଡ଼ିର କ୍ଷେତ୍ରିୟ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଦତପନ୍ତ ଠେଙ୍ଗେଡ଼ିର ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଶ୍ରମିକମାନଙ୍କୁ ଆଲୋଚନା ମାଧମରେ ସଚେତନ କରିଥିଲେ। ଏହି କର୍ମଶାଳାର ପ୍ରଥମ ଦିବସରେ ୱାର୍ଡମେମ୍ବର ତଥା ବିଦ୍ୟାଳୟ ସଭାପତି ବସନ୍ତ ନାୟକ ଓ ରାଜ୍ୟ ସରକାରଙ୍କ କନ୍ଧମାଳ ଶ୍ରମ ବିଭାଗ ଅତିରିକ୍ତ ଶ୍ରମ ଅଧିକାରୀ ଶୁଭଦର୍ଶିନୀ ନାଏକ, କୋଠାବାଡ଼ି ନିର୍ମାଣ ଶ୍ରମିକ ସେଲରେ ରାଜ୍ୟ, ଜିଲା ଓ ବ୍ଲକରେ ଥିବା ସୁବିଧା ଓ ବିଧି ବ୍ୟବସ୍ଥା ବିଷୟରେ ସମ୍ପୂର୍ଣ୍ଣ ସଚେତନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସମସ୍ତ ଶ୍ରମିକ କିପରି ଏହି କାର୍ଡ଼ କରିପାରିବେ ଓ ଜନସାଧାରଣଙ୍କ ପାଇଁ କିପରି କାର୍ଯ୍ୟକାରୀ ହେବ ସେ ନେଇ (ପାହାଡ଼)ର ମୁଖ୍ୟ ତଥା ସମ୍ପାଦକ ପଞ୍ଚାନନ ମିଶ୍ର ବୁଝାଇଥିଲେ। ସେହିଭଳି ଦ୍ୱିତୀୟ ଦିବସରେ ଫୁଲବାଣୀ ପଲିଟେକ୍‌ନିକ ବିଦ୍ୟାଳୟର ଅଜୟ କୁମାର ରଥ ଓ ବିରଞ୍ଚି ପ୍ରଧାନ ପ୍ରମୁଖ ଯୋଗଦେଇ ଉପସ୍ଥିତ ମହିଳା ଶ୍ରମିକମାନଙ୍କୁ ବିଭିନ୍ନ ଦିଗ୍‌ଦର୍ଶନ ଦେଇଥିଲେ। ସ୍ଥାନୀୟ ପଞ୍ଚାୟତର ସମିତିସଭ୍ୟ ତଥା ସାମାଜିକ କର୍ମୀ ବୈଦ୍ୟନାଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଞ୍ଚାୟତରେ ଜନସାଧାରଣଙ୍କ ପାଇଁ କ'ଣ କ'ଣ ବ୍ୟବସ୍ଥା ରହିଛି ସେ ସବୁ ଉପରେ ବୁଝାଇଥିଲେ। ଏହା ପୂର୍ବରୁ ଏହି କାର୍ଯ୍ୟକ୍ରମ କର୍ମଶାଳା ସୁଡୁକୁମ୍ପା ସ୍ଥାନୀୟ (ପାହାଡ଼) ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପାହାଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ସର୍ବେଶ୍ୱର ମାଝୀ, ସଞ୍ଜୟ କୁମାର ସାହୁ, ଅର୍ଜୁନବାରିକସମ୍ପୂର୍ଣ୍ଣସହଯୋଗକରିଥିଲେ।

## 'ଏଠି ତୋର ଦୋଷ ନା ମୋର ଦୋଷ' ମଞ୍ଚସ୍ଥ

**ରାଇକିଆ,୧୨।୬ (ଡି.ଏନ୍.ଏ)**

ରାଇକିଆ ଆଞ୍ଚଳିକ କଳା ପରିଷଦ ପକ୍ଷରୁ ଶନିବାର ସାମାଜିକ ନାଟକ 'ଏଠି ତୋର ଦୋଷ ନା ମୋର ଦୋଷ' ମଞ୍ଚସ୍ଥ ହୋଇଯାଇଛି। ଭଗବାନ ପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସ୍ଥାନୀୟ କଳାକାରମାନେ ଅଭିନୟ କରିଥିଲେ। ଅତିଥିଭାବେ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ସରପଞ୍ଚ ଗୀତାଞ୍ଜଳି ନାୟକ, ଥାନାଧିକାରୀ ଶାନ୍ତନୁ ପ୍ରଧାନ, ବଣିକ ସଂଘ ସଭାପତି ପଦ୍ମ ଚରଣ ପଣ୍ଡା, ପୂଜା କମିଟି ସଭାପତି ଡିଲୁ ମହାନ୍ତି, ଉପଦେଷ୍ଟା ଦୁର୍ଯ୍ୟୋଧନ ଲେଙ୍କା ଯୋଗ ଦେଇ ଉଦ୍‌ଘାଟନ କରିବା ସହ ଦୀର୍ଘ ଦିନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ଆୟୋଜକ କମିଟିଙ୍କୁ ସାଧୁବାଦ ଜଣାଇବା ସହ କଳାକାରଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ସନ୍ତୋଷ ଲେଙ୍କା ଏବଂ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋପାଳ ସମାଜର ବାର୍ଷିକ ଉତ୍ସବ



**ବଲସକୁମ୍ପା,୧୨।୬**

କନ୍ଧମାଳ ଜିଲା ଗୋପାଳ ସମାଜ ପକ୍ଷରୁ ଖଜୁରିପଡ଼ା ବ୍ଲକ ନୂଆଗାଁ ପଞ୍ଚାୟତର ଗରାକୁମ୍ପା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଗୋପାଳ ସମାଜର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅନିମା କହଁର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା କହଁର, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ମମତା ମଲ୍ଲିକ, ନାଏବ ସରପଞ୍ଚ ସଂଗ୍ରାମ ନାଏକ, ସ୍ୱେଚ୍ଛାସେବୀ ବିଶ୍ୱ ପ୍ରକାଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ନାଥ କହଁର ଯୋଗଦେଇ ନିଜର ସୁଚିନ୍ତିତ ମନ୍ତବ୍ୟ ଅଭିଭାଷଣ ମାଧମରେ ପ୍ରଦାନ କରିଥିଲେ। ସଭାପତି ସୁବାସ ଚନ୍ଦ୍ର ଭୋଇ, ଉପସଭାପତି ଭଳଭଦ୍ର ନାୟକ, ସମ୍ପାଦକ ଉମେଶ ଚନ୍ଦ୍ର ଭୋଇ, ସହ ସମ୍ପାଦକ ରଞ୍ଜିତ କୁମାର୍ ଭୋଇ, କୋଷାଧକ୍ଷ ବସନ୍ତ ପ୍ରଧାନ, ଉପଦେଷ୍ଟା ମହେଶ୍ୱର ବର୍ଗତୀ, ଅରୁଣ କୁମାର ଭୋଇ, ରାଜେନ୍ଦ୍ର ଭୋଇ, ମହିଳା ସଭାନେତ୍ରୀ ବନିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଅନେକ ଗୋପାଳ ସମାଜ ପ୍ରେମୀ ଯୋଗଦେଇ ଥିବା ବେଳେ ଉପସ୍ଥିତ ଥିବା ଅତିଥିମାନଙ୍କୁ ସମାଜର ହିତ କାମନା କରି ଗୋପାଳ ସମାଜ ପକ୍ଷରୁ ୧୨ ଦଫା ଦାବି ପ୍ରଦାନ କରାଯାଇଥିଲା।

## ଆମ ଶୌଚାଳୟରେ ତାଲା, ଅସନ୍ତୋଷ ବୃଦ୍ଧି

**ନୂଆଗଡ଼,୧୨।୬**

ଗଜପତି ଜିଲା ନୂଆଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆମ ଶୌଚାଳୟ ଲୋକଙ୍କ ସୁବିଧା ଲାଗି ନିର୍ମାଣ କରାଯାଇଛି। ଏହା ୨୦୨୦ ନଭେମ୍ବର ୨୫ ତାରିଖରେ ଲୋକାର୍ପିତ ହୋଇଛି। ହେଲେ ଏହି ଶୌଚାଳୟଟି ଲୋକାର୍ପିତ ଦିନଠାରୁ ୨ବର୍ଷ ପୂରିବାକୁ ଯାଉଥିଲେ ମଧ ତାଲା ପଡ଼ି ଲୋକଙ୍କ ସେବାରେ ଆସୁନଥିବା ଦେଖିବାକୁ ମିଳୁଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବ୍ଲକରେ ନିର୍ମାଣାଧୀନ ଆମ ଶୌଚାଳୟ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ଦୁଇଟି କକ୍ଷ ଅଛି। ବ୍ଲକ ପରିସରରେ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ରହିଛି। ଜନସାଧାରଣଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧି ଏବଂ ଅନ୍ୟାନ୍ୟ କର୍ମଚାରୀ ବିଭିନ୍ନ କାର୍ଯ୍ୟ ନିମନ୍ତେ ବ୍ଲକ କାର୍ଯ୍ୟାଳୟକୁ ଆସନ୍ତି। ବିଭିନ୍ନ ସମୟରେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥା'ନ୍ତି ଲୋକେ। ଫଳରେ ଲୋକଙ୍କୁ ଅକସ୍ମାତ୍ ପରିସ୍ରା ଲାଗିଲେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପ୍ରଶାସନ ତଥା କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଧ୍ୟାନଦେଇ ବନ୍ଦ ହୋଇଥିବା ଆମ ଶୌଚାଳୟକୁ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।



## ବିପଜ୍ଜନକ ସ୍ଥିତିରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

**ଧରାକୋଟ,୧୨।୬(ଡି.ଏନ୍.ଏ.)**

ଧରାକୋଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ପ୍ରତି ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି । ବହୁଦିନ ପୂର୍ବରୁ ଏହା ନିର୍ମିତ ହୋଇଥିଲା। ବର୍ତ୍ତମାନ ଅଫିସ୍ ଛାତରୁ ପାଣି ଗଳୁଥିବାବେଳେ କବାଟ, ଝରକା ନଷ୍ଟ ହୋଇଗଲାଣି। ଏପରିକି ଚଟାଣ ମଧ ନଷ୍ଟ ହୋଇଗଲାଣି। ଗତ ଫାଇଲିନ ବାତ୍ୟାରେ ପାଚେରି କାନ୍ଥ ଭାଙ୍ଗି ଯାଇଛି । ଫଳରେ ବୁଲା ଗୋରୁ କୁକୁର ଅବାଧରେ ଭିତରକୁ ପଶୁଛନ୍ତି। ଏପରିକି ସାମ୍ନା ପଟର ଗ୍ରୀଲ ନଷ୍ଟ ହୋଇ ଯାଇଥିବା ଯୋଗୁ ରାତିରେ ଏଠାରେ ମଦ୍ୟପାନ କରିବା ପାଇଁ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ଧରାକୋଟ ରାଜସ୍ୱ ସର୍କଲ ଅଧୀନରେ ୨୮ ରାଜସ୍ୱ ଗ୍ରାମ ରହିଛି। ପ୍ରତିଦିନ ଏଠାକୁ ସଂଖ୍ୟାଧିକ ଲୋକ ଜମିଜମା କାର୍ଯ୍ୟ, ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରମାଣ ପତ୍ର ପାଇଁ ଆସିଥା'ନ୍ତି। କାର୍ଯ୍ୟାଳୟର ଅବସ୍ଥା ଏପରି ହୋଇଛି ଯେ, ବର୍ଷା ପାଣି ଭିଜି ରେକର୍ଡ଼ ସବୁ ନଷ୍ଟ ହୋଇଯାଇଛି। ଏଣୁ ବାରମ୍ବାର କର୍ମଚାରୀମାନେ ତହସିଲ କାର୍ଯ୍ୟାଳୟକୁ ରେକର୍ଡ ଦେଖିବାକୁ ପଠୁଥିବାରୁ ସମୟ ନଷ୍ଟ ହେଉଛି। କୋଠାର ଏହିପରି ସ୍ଥିତି ସମ୍ପର୍କରେ ବାରମ୍ବାର ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଚିଠି ଲେଖାଯାଇଥିଲେ ମଧ ଫଳ ଶୂନ। ବିପଜ୍ଜନକ କୋଠା କେଉଁଦିନ ଭୁଶୁଡ଼ି ଧନ ଜୀବନ ନଷ୍ଟ ହେବ କହିହେଉ ନାହିଁ। ଏଣୁ ଗ୍ରାମ୍ୟ ନିର୍ମାଣ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନୂତନ କୋଠା ନିର୍ମାଣ ପାଇଁ ଦାବି ହେଉଛି ।



## ସଂକ୍ଷେପରେ

### ସୁବ୍ରତ ପଟ୍ଟନାୟକଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା

ବୁଗୁଡ଼ା,୧୨।୬(ଡି.ଏନ.ଏ.): ବୁଗୁଡ଼ା ଏନ୍ଏସିର ପୂର୍ବତନ ଉପନଗରପାଳ ତଥା ଭାଜପାର ଟାଣୁଆ ନେତା ସୁବ୍ରତ ପଟ୍ଟନାୟକଙ୍କ ଦ୍ୱାଦଶାହରେ ରବିବାର ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓକିଲ ହର ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବସନ୍ତ କୁମାର ଦଳେଇ, ଗନ୍ଧର୍ବ ପ୍ରଧାନ, ଗୋକୁଳାନନ୍ଦ ମଳିକ, ଜୟନ୍ତୀ ପଢ଼ିଆରି, ସୂର୍ଯ୍ୟ ନାରାୟଣ ମହାନ୍ତି, ପ୍ରକାଶ ଚନ୍ଦ୍ର ମହାରଥା, କେଦାର ମହାରଣା, କୃଷ୍ଣ ଚନ୍ଦ୍ର ମହାପାତ୍ର, କାର୍ତ୍ତିକ କୁମାର ମଙ୍ଗରାଜ, ହରିକୃଷ୍ଣ ସାହୁ, ଗୌର ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସୁବ୍ରତଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ୨ ମିନଟ ନିରବ ପ୍ରାର୍ଥନା କରିଥିଲେ। ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ଖବରଦାତା, ଯୁବକ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ରହି ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟର୍ପଣ କରିଥିଲେ।

### ଓଏସ୍ଏପି ଅଷ୍ଟମ ବାଟାଲିୟନରେ ଚାରା ରୋପଣ କାର୍ଯ୍ୟକ୍ରମ

ଗଞ୍ଜାମ,୧୨।୬(ଡି.ଏନ.ଏ.): ପରିବେଶରେ ସବୁଜ ବଳୟ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଗଞ୍ଜାମ ଥାନା ଅନ୍ତର୍ଗତ ଛତ୍ରପୁର ଓଏସ୍ଏପି ଅଷ୍ଟମ ବାଟାଲିୟନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜିଏସ ହେଲପିଙ୍ଗ ହ୍ୟାଣ୍ଡ ଫାଉଣ୍ଡେଶନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରି ଉକ୍ତ ସବୁଜ ସୁନ୍ଦର କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ ବ୍ୟକ୍ତି ଅତି କମରେ ୧୦ ଲେଖାଏ ଗଛ ଲଗାଇ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ସାହା ଚାରିଟେବୁଲ ଟ୍ରଷ୍ଟ ମୁଖ୍ୟ ଜୀବନ ବାବା ସମ୍ମାନିତ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷାକୁ ନେଇ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ବାଟାଲିୟନ ପରିସରରେ ଆମ୍ବଗଛ ରୋପଣ କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏଲ.ଏନ ବେହେରା, ସୁବେଦାର ଏମ୍. କେ ଦାଶ, ପି .କେ ସେଠୀ, କେ. ସିଏଚ୍ ବେହେରା, ଡେପୁଟି ସୁବେଦାର ଏସ. କେ ସାହୁ, ଟଟନ ଦାଶ, ପି .କେ ତ୍ରିପାଠୀ, ଗୋପୀନାଥ ପ୍ରଧାନ, ହାବିଲଦାର ଓ ସିପାହୀ ଶାଖା ସଂଘ ସଭାପତି ଅଜିତ କୁମାର ଦାଶ ପ୍ରମୁଖଙ୍କ ସହ ସଂଘର କର୍ମକର୍ତ୍ତାମାନେ ବାଟାଲିୟନ ପରିସରରେ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

# ଗୁଣି ସନ୍ଦେହରେ ବୃଦ୍ଧାଙ୍କୁ ମାଡ଼, ଥାନାରେ ମାମଲା

ଗୋପାଳପୁର,୧୨।୬ (ଡି.ଏନ୍.ଏ)

ଗଞ୍ଜାମ ଜିଲା ବଡ଼ କୁଶସ୍ଥଳୀ ଗ୍ରାମରେ ଗୁଣି ଗାରେଡି ସନ୍ଦେହରେ ଜଣେ ବୃଦ୍ଧାଙ୍କୁ ମାଡ଼ ମରାଯାଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଗତ ୯ତାରିଖରେ ଗ୍ରାମର ଜଣେ ନାବାଳିକା ଅପରାହ୍ନ ୧ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ତାଙ୍କ ପରିବାର ଲୋକେ ପାଇ ନଥିଲେ। ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିତ ନ ଥିଲା। ତେଣୁ ପରିବାର ଲୋକେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ କିଛି ସମୟ ପରେ ଝିଅ ଘାକୁ ଫେରିଥିଲା। ପରିବାର ଲୋକେ ଝିଅକୁ ପଚାରିବାରୁ ଗ୍ରାମର ସମ୍ପୃକ୍ତା ବୃଦ୍ଧା କିଛି ସିନ୍ଦୁର ଓ ହଳଦୀ ମୋ ଉପରେ ପକାଇଥିଲେ, ପରେ ମୁଁ କିଛି ଜାଣି ପାରିନାହିଁ ବୋଲି ନାବାଳିକା ଜଣକ କହିଥିଲେ।

ଏହି ଖବର ପ୍ରଚାର ପରେ ସମ୍ପୃକ୍ତା ବୃଦ୍ଧା ଗୁଣି କରୁଥିବା ଗ୍ରାମରେ ସନ୍ଦେହ ସୃଷ୍ଟି ହୋଇଥିଲା। ଗ୍ରାମବାସୀ କହିବା ମୁତାବକ, ଦୀର୍ଘ ବର୍ଷ ମଧ୍ୟରେ ଉକ୍ତ ବୃଦ୍ଧାଙ୍କୁ ଦୁଇରୁ ଅଧିକ ଥର ବାସନ୍ଦ କରାଯାଇଥିଲା। ଗତ ୫ବର୍ଷ ମା ଓ ପୁଅ ଏକାଠି ରହୁଥିବା ବେଳେ ଗତ ବର୍ଷ ପୁଅଙ୍କ ମତ୍ୟୁ ହେବା ପରେ ପୁଣି ଗୁଣି କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୃଦ୍ଧାଙ୍କ ଉପରେ ସନ୍ଦେହ ରହିଥିବା ଯୋଗୁ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ଘର ଆଗରେ ହୋହାଲ୍ଲା କରିଥିଲେ। ଗତ ଶନିବାର ବୃଦ୍ଧାଙ୍କୁ ଗ୍ରାମବାସୀ ମାର ପିଟ କରିବା ସହ ଧମକ ଚମକ କରୁଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୧୩/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ପାଇଁ ରବିବାର ବଡ଼କୁଶସ୍ଥଳୀ ଗ୍ରାମ ପଞ୍ଚାୟତ କାଯ୍ୟାଳୟଠାରେ ବ୍ରହ୍ମପୁର ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର, ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ, ସରପଞ୍ଚ ସୁନିତା ସେଠୀ, ନାଏବ ସରପଞ୍ଚ ଜିତୁ ସେଠୀ, ସମାଜିକ କର୍ମୀ ଆର ଅନିଲ ରେଡ୍ଡୀ, ଶିବ ସେଠୀ, ମହିଳାସଙ୍ଘର ସଭାନେତ୍ରୀ ବବିତାପାତ୍ର ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ପ୍ରାୟ ତିନି ଘଣ୍ଟା ପଯ୍ୟନ୍ତ ଏହି ଘଟଣାକୁ ନେଇ ଆଲୋଚନା ହୋଇଥିଲା। ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ଗୁଣି ଗାରେଡ଼ି ଉପରେ ସଚେତନତା କରିବା ସହ ଉଭୟ ପକ୍ଷରୁ ଯଦି ଆପତ୍ତିଜନକ କଥା ହୁଏ ତେବେ ଆଇନ ଅନୁଯାୟୀ କାଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି। ରବିବାର ବୃଦ୍ଧାଙ୍କୁ ପୋଲିସ ଉଦ୍ଧାର କରି ନିକଟସ୍ଥ ନରେନ୍ଦ୍ରପୁର ଗ୍ରାମରେ ରହୁଥିବା ଝିଅ ଘରେ ଛାଡ଼ିଛି।


ବାଲେଶ୍ୱରରେ କନ୍ଧମାଳ ଜିଲାର ଡାକୁଲ ନୃତ୍ୟ ପରିବେଷଣ କରାଯାଉଛି।

# ବାଲେଶ୍ୱରରେ କନ୍ଧମାଳର ଡାକୁଲ ନୃତ୍ୟ

ବାଲିଗୁଡ଼ା,୧୨।୬ (ଡି.ଏନ.ଏ.)

**ବିମୋହିତ ହେଲେ ଜନସାଧାରଣ**

ବାଲେଶ୍ୱର ଜିଲା ପ୍ରଶାସନ ତରଫରୁ ଆୟୋଜିତ ପଲ୍ଲୀଶ୍ରୀ ମେଳାରେ ବାଲିଗୁଡ଼ାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କନ୍ଧମାଳ କଳା ବିକାଶ କେନ୍ଦ୍ରର କୃତିତ୍ୱ ସ୍ମରଣୀୟ। ଗତ ୧୦ ତାରିଖ ସାଂସ୍କୃତିକ ସନ୍ଧ୍ୟାରେ ୨୦ ଜଣିଆ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରି କନ୍ଧମାଳର ପାରମ୍ପରିକ ଲୋକନୃତ୍ୟ ଡାକୁଲ ନୃତ୍ୟ ପରିବେଷଣ କରି ମଞ୍ଚ ଦୁଲୁକାଇ ଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ବରିଷ୍ଠ କଳାକାର ପ୍ରମୋଦ କୁମାର ଦଣ୍ଡସେନାଙ୍କ ସମେତ ନୃତ୍ୟ ଗୁରୁ କ୍ଷୀରୋଦ ପ୍ରସାଦ ଦଣ୍ଡସେନା, କଣ୍ଠଶିଳ୍ପୀ ବିଶ୍ୱଜିତ ସାହୁ, ଲୋକନୃତ୍ୟ କଳାକାର ଅଶ୍ୱିନୀ ପାତ୍ର, ଲକ୍ଷ୍ମୀ ନାରାୟଣ ମଳିକ, ମାଧୁରୀ ପଣ୍ଡା, ଅଭୀଲିପ୍ସା ପ୍ରଧାନ, ପ୍ରିୟଙ୍କା ନାୟକ, ଇନ୍ଦୁରେଖା ପୂଜାରୀ ପ୍ରମୁଖ ପ୍ରତିନିଧିତ୍ୱ କରି ମଞ୍ଚ ଦୁଲୁକାଇ ଥିଲେ। ପ୍ରକୃତିର ପୂଜକ ଆଦିବାସୀଙ୍କ ପୂଜାର୍ଚ୍ଚନା ଏବଂ ପାରମ୍ପରିକ ବୀରବାଦ୍ୟ ନୃତ୍ୟ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା।

### ସୁନ୍ଦରମାଧବ ବେଦ କର୍ମକାଣ୍ଡ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ

ହିଞ୍ଜିଳିକାଟୁ ୧୨।୬ (ଡି.ଏନ.ଏ.)

ହିଞ୍ଜିଳିକାଟୁ ମହର୍ଷି ବ୍ୟାସ ସାଂସ୍କୃତିକ ବିଦ୍ୟା ପରିଷଦ ୱାଲଫେର ଟ୍ରଷ୍ଟ ତରଫରୁ ପରିଚାଳିତ ସୁନ୍ଦର ମାଧବ ବେଦକର୍ମକାଣ୍ଡ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ରବିବାର ହିଞ୍ଜିଳିକାଟୁ ପୌରପାଳିକା ଅନ୍ତର୍ଗତ ପି.ରାମଚନ୍ଦ୍ରପୁର ଗାଁରେ ରବିବାର ନବ ନିର୍ମିତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର ସମସ୍ତ ପୁରୋହିତ ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ମହର୍ଷି ବ୍ୟାସ ସାଂସ୍କୃତିକ ବିଦ୍ୟାପରିଷଦର ସଭାପତି ସଙ୍କର୍ଷଣ ପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହିଞ୍ଜିଳିକାଟୁ ପୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହିଞ୍ଜିଳିକାଟୁ ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ପ୍ରମୋଦ କୁମାର ପଣ୍ଡା, ମହନ୍ତ ହରିହର ଦାସ ଓ ସଂଯୋଜକ ପୂର୍ବତନ ଉପାଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ପଣ୍ଡିତ ଦିପ୍ତିରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପଣ୍ଡିତ ବଦ୍ରୀନାଥ, ଇତିତୋଷଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରମାନେ ସାମୁହିକ ବେଦ ପାଠ ପଢିଥିଲେ। ଟ୍ରଷ୍ଟର ସମ୍ପାଦକ ଦିପ୍ତୀରଞ୍ଜନ ମହାପାତ୍ର, ଉପସଭାପତି ଶିରାମ ପାଠୀ, ସହ ସମ୍ପାଦକ ଶିବ ପ୍ରସାଦ ପାଠୀ, ସଦସ୍ୟ ବଦ୍ରୀନାଥ ସାବତ, ପ୍ରଶାନ୍ତ ପାଠୀ, ଶରତ ତ୍ରିପାଠୀ, ଅମରେନ୍ଦ୍ର ଶତପଥୀ, ଅମିକା ପ୍ରସାଦ ପାଠୀ, ଇତିତୋଷ ପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ଶିଶୁ ଶ୍ରମିକ ନିଷେଧ ଦିବସ



ମଞ୍ଚାସୀନ ଅତିଥି।

ପାରଳାଖେମୁଣ୍ଡି,୧୨।୬ (ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସ୍ଥାନୀୟ ପ୍ରାଉଡ ଶିଶୁ ଯତ୍ନ ଅନୁଷ୍ଠାନ ଆର. ସିତାପୁରୁଠାରେ ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ଶିଶୁ ଶ୍ରମିକ ନିଷେଧ ଦିବସ ପାଳନ କରାଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ସତ୍ୟପ୍ରିୟ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ସଚେତନତା ଶିବିରରେ ମୁଖ୍ୟଅତିଥି ରୂପେ ଜିଲା ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ମାନସ କୁମାର ପଣ୍ଡା, ସବ୍‌ଜଜ୍ ତଥା ପ୍ରାଧିକରଣ ସମ୍ପାଦକ ସନ୍ତୋଷ କୁମାର ଅଗ୍ରୱାଲ, କୋର୍ଟ ରେଜିଷ୍ଟ୍ରାର ସତ୍ୟବ୍ରତ ରାଣା, ଶିଶୁ ମଙ୍ଗଳ ଅଧିକାରିଣୀ ଅଳକା ସାହୁ ଓ ଲିଗାଲ ପ୍ରବେଶନ ଅଫିସର ବାଡ଼ତ୍ୟାଙ୍କ ସମେତ ପ୍ରାଉଡ ଅନୁଷ୍ଠାନର ଅଧୀକ୍ଷକ ସୁନିତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ସେବା ପ୍ରାଧିକରଣ ତରଫରୁ ଆୟୋଜିତ ଏହି ସଚେତନତା ଶିବିରରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଓ ସମାଜରେ କିପରି ଶିଶୁ ଶ୍ରମିକ ରୋକାଯାଇପାରିବ ସେ ଉପରେ ଉପସ୍ଥିତ ଶିଶୁ ଓ ସାଧାରଣ ଲୋକଙ୍କୁ ଅବଗତ କରାଯାଇଥିଲା।

# ବ୍ରହ୍ମାକୁମାରୀସ୍ ଶାନ୍ତିକୁଣ୍ଡ ପକ୍ଷରୁ ସଂସ୍କୃତି ସମ୍ମିଳନୀ



କାର୍ଯ୍ୟକ୍ରମରେ ଅତିଥିଙ୍କ ଉଦ୍‌ବୋଧନ।

ବ୍ରହ୍ମପୁର ଅଫିସ,୧୨।୬

ବ୍ରହ୍ମାକୁମାରୀସ୍ ଶାନ୍ତିକୁଣ୍ଡ ପକ୍ଷରୁ ରବିବାର ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରଠାରେ ଅଖିଳ ଭାରତୀୟ କଳା ଓ ସଂସ୍କୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସ୍ୱର୍ଣ୍ଣିମ ଭାରତ ନିମନ୍ତେ ସ୍ୱର୍ଣ୍ଣିମ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଳାକାରମାନେ ନିଜର ସ୍ୱଭାବ ଓ ସଂସ୍କାରରେ ଶାନ୍ତି, ପ୍ରେମ, ଉଦାରତା, ଦୟା ଓ କରୁଣାର ସମାବେଶ ଦ୍ୱାରା ଏକ ଉଚ୍ଚକୋଟୀର ସଭ୍ୟତା ଓ ସଂସ୍କୃତିର ପୁନଃ ନିର୍ମାଣ କରିପାରିବେ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ମନୁଷ୍ୟ ଯେ କୌଣସି ଜୀବିକାରେ ରହି ମଧ୍ୟ ତାହାର ଉତ୍କୃଷତା ସମାଜର କଲ୍ୟାଣ ନିମନ୍ତେ ଯଦି ବିନିଯୋଗ କରେ ତାହା ହିଁ ବାସ୍ତବିକ କଳାକାରର ରୂପ ନେଇଥାଏ ବୋଲି ମେୟର କହିଥିଲେ। ମୁଖ୍ୟ ବକ୍ତା ବ୍ରହ୍ମାକୁମାରୀସ୍ ମୁଖ୍ୟାଳୟର ସତୀଶ ଜୀ ଯୋଗ ଦେଇଥିଲେ। ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ନିର୍ଦ୍ଦେଶିକା ବ୍ରହ୍ମା କୁମାରୀ ମାଳା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୬୦୦ ପ୍ୟାକେଟ ମଦ ଜବତ, ଜଣେ ଗିରଫ

ଖଲ୍ଲିକୋଟ,୧୨।୬ (ଡି.ଏନ.ଏ.)



ଆଗାମୀ ରଜ ପର୍ବକୁ ଦୃଷ୍ଟିରେ ରଖି ଖଲ୍ଲିକୋଟ ଅଞ୍ଚଳରେ ଦୃତ ଗତିରେ ବଢି ଚାଲିଛି ବେଆଇନ ମଦ କାରବାର। ଖଲ୍ଲିକୋଟ ପୋଲିସ ଘନ ଘନ ଚଢ଼ାଉ କରି ମଦ ଜବତ କରୁଥିବା ବେଳେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି। ରବିବାର ଆଦିବାସୀ ଅଧୁଷିତ ବାଦପଲ୍ଲୀ ଅଞ୍ଚଳରୁ ବେଗୁନିଆପଡାକୁ ବେଆଇନ ଦେଶୀ ମଦ ଏକ ଅଟୋ ଯୋଗେ ଚୋରା ଚାଲାଣ ହେଉଥିବା ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ହିମାଂଶୁ ପାତ୍ର ଓ ଦେବାଶିଷ ମିଶ୍ର ଅନ୍ୟାନ୍ୟ କର୍ମଚାରୀଙ୍କ ସହ ମିଶି ଖୋଜାପଲ୍ଲୀଠାରେ ଚଢ଼ାଉ କରି ଅଟୋ ସହ ସେଥିରେ ଥିବା ୬୦୦ ପ୍ୟାକେଟ ଦେଶୀ ମଦ ଜବତ କରି ଥାନାକୁ ଆଣିଥିଲେ। ଦେଶୀ ମଦ ଚୋରା ଚାଲାଣ କରୁଥିବା ଅଭିଯୋଗରେ ବେଗୁନିଆପଡା ଗୌଡ଼ ସାହିର ମୃଷା ଗୌଡ଼କୁ ଗିରଫ କରାଯାଇଛି ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଥାନା ନଂ. ୩୨୪/୨୦୨୨ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି।

# ବୁଗୁଡ଼ାରେ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ

ବୁଗୁଡ଼ା,୧୨।୬ (ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବୁଗୁଡା ପିପୁଲ୍ସ କଲେଜ ସମ୍ମିଳନୀ କକ୍ଷରେ ରବିବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପିପୁଲ୍ସ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ହରେକୃଷ୍ଣ ନାୟକ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଡ.ଲମ୍ବୋଧର ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ.ଶରତ କୁମାର ଜେନା, ସମ୍ମାନିତ ବକ୍ତା ଭାବେ ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ.ହୃଷିକେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ରେଣୁପ୍ରଭା ଦାଶଙ୍କ ବେଦପାଠ ପରେ ପିପୁଲ୍ସ କଲେଜ ଅଧ୍ୟାପକ ହିମାଂଶୁ ଶେଖର ରଥ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ପରିଶେଷରେ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ତ୍ରିଧାରା ସାହିତ୍ୟ ସଂସଦର ଉପସଭାପତି ବିଘ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଡ.କୃଷ୍ଣପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡ.ବନମାଳୀ ଜେନା ଏବଂ ଆଲୋଚକ ଭାବେ ହିମାଂଶୁ ଶେଖର ରଥ, ପ୍ରଶାନ୍ତ କୁମାର ମହାପାତ୍ର, ଚନ୍ଦ୍ରଶେଖର ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ତୃତୀୟ ଅଧିବେଶନରେ ତ୍ରିଧାରା ସାହିତ୍ୟ ସଂସଦର ସମ୍ପାଦକ ଡ.ଲକ୍ଷ୍ମୀନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ରବିନ୍ଦ୍ର ନାଥ ପୋଲାଇ, ସମ୍ମାନିତଅତିଥି ଭାବେ ଲଳିତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସୌଦାମିନୀ ମିଶ୍ର ଓ ଲୋକନାଥ ନାୟକଙ୍କ ସଂଯୋଜନାରେ ୪ ଶହରୁ ଊର୍ଦ୍ଧ୍ୱ କବିତା ପାଠ କରାଯାଇଥିଲା।

# ତେଜରାତି ଦୋକାନରୁ ଚୋରି ଅଭିଯୋଗ

ଗଞ୍ଜାମ,୧୨।୬ (ଡି.ଏନ.ଏ.)

ଗଞ୍ଜାମ ସହର ସାନବଜାର କୈବର୍ତ୍ତ ସାହି ଛକରେ ରହିଥିବା ଏକ କିରାଣି ଦୋକାନରୁ ଚୋରି ହୋଇଥିବା ନେଇ ଗଞ୍ଜାମ ଥାନାରେ ଅଭିଯୋଗ ହୋଇଛି। ଶନିବାର ରାତିରେ କାଙ୍ଗାଳୀ ବେହେରାଙ୍କ କିରାଣି ଦୋକାନ କେବିନର ପଛ ପଟ ଆଜବେଷ୍ଟ ତାଡି ଦୁର୍ବୃତ୍ତମାନେ ଦୋକାନରେ ପଶି ନଗଦ ୭ ହଜାର ଟଙ୍କା, ପ୍ରାୟ ୩ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ଖବର ପାଇ ସକାଳୁ ପୋଲିସ ଦୋକାନ ନିକଟରେ ପହଞ୍ଚି ତଦନ୍ତ କରିଛି। ପୂର୍ବରୁ ଏପରି ଉକ୍ତ ଦୋକାନରୁ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ନେଇ ଦୋକାନୀ ମାଲିକ ପ୍ରକାଶ କରିଛନ୍ତି। ଉକ୍ତ ଘଟଣାକୁ ନେଇ ପୋଲିସ ପାଟ୍ରୋଲିଂ କଡାକଡି କରିବା ନେଇ ବିଭିନ୍ନ ମହଲରେ ଦାବି ହେଉଛି।

# ବରିଷ୍ଠ କଳାକାର ସଂଘ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର ଅଫିସ,୧୨।୬

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ଜୁଲାଇ ୩ରେ ସଂଘ ପ୍ରତିଷ୍ଠା ଦିବସ ଉପଲକ୍ଷେ ରବିବାର ଗଞ୍ଜାମ କଳା ପରିଷଦଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପ୍ରତିଷ୍ଠା ଦିବସରେ କଳାକାର ଶୋଭାଯାତ୍ରା ଓ ରାଜ୍ୟସ୍ତରୀୟ ଦଣ୍ଡନାଚ ସମାବେଶ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଏଥିନିମନ୍ତେ ସଂଘ ବ୍ଲକ ସଂଯୋଜକଙ୍କୁ ଦାୟିତ୍ୱ ଦିଆଯିବା ସହ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ପାଇଁ ସବ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ସାହୁ, ପ୍ରଫୁଲ୍ଲ ବେହେରା, ପାଣ୍ଡବ ପ୍ରଧାନ, ମାନସ ଚନ୍ଦ୍ର ବରାଡ, ବାବୁ ନାୟକ, ବାଳକୃଷ୍ଣ ସେଠୀ, ବି.ଭେଙ୍କଟ ରାବଣା, ସୁଦାମ ପଟ୍ଟନାୟକ, ମୃତ୍ୟୁଞ୍ଜୟ ତ୍ରିପାଠୀ, ସତ୍ୟ ମହାରଣା, କୈଳାସ ପାଣିଗ୍ରାହୀ ଓ ଈଶ୍ୱର ଚନ୍ଦ୍ର ଗୌଡଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସର୍ବନିମ୍ନ ପେନସନ ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ପୋଲସରା,୧୨।୬ (ଡି.ଏନ.ଏ.)

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମାସକୁ ୯ ହଜାର ଟଙ୍କା ପେନ୍‌ସନ ଦାବି କରି ରବିବାର ଉଠାଜଳସେଚନ ବିଭାଗର ଅବସରପ୍ରାପ୍ତ କର୍ମଚାରୀମାନେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପୋଷ୍ଟକାର୍ଡ ପ୍ରେରଣ କରିଛନ୍ତି। ଉଠାଜଳସେଚନ ବିଭାଗରେ ଚାକିରି କରି ଅବସର ଗ୍ରହଣ କରିଥିବା ପୋଲସରା ଅଞ୍ଚଳର କର୍ମଚାରୀମାନେ ରବିବାର ସ୍ଥାନୀୟ ରତନି ଠାକୁରାଣୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ସବ୍‌ପୋଷ୍ଟ ଅଫିସ ଯାଇଥିଲେ। ସେଠାରେ ଅବସରପ୍ରାପ୍ତ କର୍ମଚାରୀମାନେ ମାସକୁ ସର୍ବନିମ୍ନ ୯ ହଜାର ଟଙ୍କା ପେନ୍‌ସନ ଦାବି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଚିଠି ପଠାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଥିବା ଚିଠିରେ ସେମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଜଳସେଚନ ପରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକରି ଅବସର ନେବା ପରେ ସେମାନଙ୍କୁ ମାସିକ ମାତ୍ର ୭୦୦/୮୦୦ ଟଙ୍କା ପେନସନ ମିଳୁଛି। ଆଜିକାଲିର ମହଙ୍ଗା ଯୁଗରେ ଏତେ କମ ପେନସନରେ ଚଳିବା ସମ୍ପୂର୍ଣ୍ଣ ଅସମ୍ଭବ। ଏଣୁ ପ୍ରଧାନମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଅନ୍ତତଃ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ପେନ୍‌ସନ ପ୍ରଦାନ କରନ୍ତୁ ବୋଲି ନିବେଦନ କରିଛନ୍ତି। ଏହି ପୋଷ୍ଟକାର୍ଡ ଅଭିଯାନରେ ଗଞ୍ଜାମ ଜିଲାର ଜେନେରାଲ ସେକ୍ରେଟାରୀ ପ୍ରଶାନ୍ତ କୁମାର ଶତପଥୀ, ଏ. ଗୋପୀନାଥ, ସହ ସମ୍ପାଦକ ରବିନାରାୟଣ ସାବତ, ଶିବରାମ ବିଶ୍ୱାଳ, ପଦ୍ମନାଭ ସାହୁ, ବିଜୟ କୁମାର ସାମନ୍ତରା, ବିଜୟ କୁମାର ସାହୁ, ଘନଶ୍ୟାମ ପ୍ରଧାନ, ମୀନକେତନ ସାହୁ, ବାଉରିବନ୍ଧୁ ସାହୁ, ସରସ୍ୱତୀ ଦୋରା, ନୀଳମାଧବ ନାୟକ, ସଚ୍ଚିଦାନନ୍ଦ ବେହେରା, ମନୋଜ କୁମାର ସାବତ, ପ୍ରକାଶ ଚନ୍ଦ୍ର ନାୟକ, ଅଙ୍ଗତ କୁମାର ସାହୁ, ଲକ୍ଷ୍ମୀନାରାୟଣ ପାଢ଼ୀ, ସୁରେନ୍ଦ୍ରନାଥ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼, ରଘୁନାଥ କୁଣ୍ଡ ଏବଂ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପୋଷ୍ଟ କାର୍ଡ ପ୍ରେରଣ ଅଭିଯାନ



ପୁରୁଷୋତ୍ତମପୁର ପୋଷ୍ଟ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ପୁରୁଷୋତ୍ତମପୁର,୧୨।୬ (ଡି.ଏନ୍.ଏ.)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍ ଗଞ୍ଜାମ ଜିଲା ଶାଖା ପୁରୁଷୋତ୍ତମପୁରର ଏକ ବୈଠକ ରବିବାର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ସାଙ୍ଗଠନିକ ସମ୍ପାଦକ ତଥା ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀ ଓ ଜିଲା ସହ ସମ୍ପାଦକ ରବିନାରାୟଣ ସାବତ ଯୋଗଦେଇଥିଲେ। ଏଥିରେ ଉପସ୍ଥିତ ସଭ୍ୟମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପୁରୁଷୋତ୍ତମପୁର ସବ୍ ପୋଷ୍ଟ ଅଫିସ ନିକଟକୁ ଶୋଭାଯାତ୍ରାରେ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ଏହି ଦାବିମାନକୁ ୪୫୦ ଖଣ୍ଡ ପୋଷ୍ଟ କାର୍ଡ ମାଧ୍ୟମରେ ଉଲ୍ଲେଖ କରି ପୋଷ୍ଟବାକ୍ସରେ ପକାଇ ପ୍ରେରଣ କରିଛନ୍ତି। ଏଥିରେ ଏ ଗୋପୀନାଥ, ବାସୁଦେବ ସାହୁ, ତାରିଣୀ ଚରଣ ଭଞ୍ଜମିଶ୍ର, ନରସିଂହ ଗୌଡ଼, ବିଜୟ କୁମାର ମହାପାତ୍ରଙ୍କ ସମେତ ବହୁ ସଭ୍ୟ ଯୋଗ ଦେଇଥିଲେ।

